PROSPECTUS

ॐ



# ପ୍ରବେଶିକା ସୂଚନା ପତ୍ର

## ଶିକ୍ଷା ବର୍ଷ -୨୦୧୩-୨୦୧୪

# ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର

ସ୍ଥାପିତ-୧୯୮୫

ନୂଆପଲ୍ଲୀ, ଭୁବନେଶ୍ୱର
ଦୂରଭାଷ :୦୬୭୪-୨୫୫୮୬୬୩

(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ସହବନ୍ଧିତ ଯେଉଁଥିରେ ଶିଶୁ ପ୍ରାରମ୍ଭ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି)



ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ରବସ୍ତ୍ରାବୃତା

ଯା ବୀଣା ବରଦଣ୍ଡମଣ୍ଡିତକରା ଯା ଶ୍ୱେତପଦ୍ମାସନା ।

ଯା ବ୍ରହ୍ମାଽଚ୍ୟୁତଶଙ୍କର ପ୍ରଭୃତିଭିର୍ଦେବୈଃ ସଦାବନ୍ଦିତା

ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜାଡ୍ୟାପହା ॥୧॥

ଶୁକ୍ଲାଂ ବ୍ରହ୍ମବିଚାର ସାର ପରମାରାଧ୍ୟାଂ ଜଗତବ୍ୟାପିନୀମ୍

ବୀଣା-ପୁସ୍ତକ-ଧାରିଣୀମଭୟଦାଂ ଜାଡ୍ୟାନ୍ଧକାରାପହାମ୍ ।

ହସ୍ତେସ୍ଫଟିକମାଳିକାଂ ବିଦ୍ୟାଧାତ୍ରୀଂ ପଦ୍ମାସନେ ସଂସ୍ଥିତାମ୍

ବନ୍ଦେ ତାଂ ପରମେଶ୍ୱରୀ ଭଗବତୀଂ ବୁଦ୍ଧିପ୍ରଦାଂ ଶାରଦାମ୍ ॥୨॥

PROSPECTUS

ଓଁ



# ପ୍ରବେଶିକା ସୂଚନା ପତ୍ର

## ଶିକ୍ଷା ବର୍ଷ -୨୦୧୩-୨୦୧୪

# ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର

ସ୍ଥାପିତ-୧୯୮୫

ନୂଆପଲ୍ଲୀ, ଭୁବନେଶ୍ୱର
ଦୂରଭାଷ :୦୬୭୪-୨୫୫୮୬୬୩

(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ସହବନ୍ଧିତ ଯେଉଁଥିରେ ଶିଶୁ ପ୍ରାରମ୍ଭ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି)



ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ରବସ୍ତ୍ରାବୃତା

ଯା ବୀଣା ବରଦଣ୍ଡମଣ୍ଡିତକରା ଯା ଶ୍ୱେତପଦ୍ମାସନା ।

ଯା ବ୍ରହ୍ମାଽଚ୍ୟୁତଶଙ୍କର ପ୍ରଭୃତିର୍ଭିଦେବୈଃ ସଦାବନ୍ଦିତା

ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜାଡ୍ୟାପହା ॥୧॥

ଶୁକ୍ଲାଂ ବ୍ରହ୍ମବିଚାର ସାର ପରମାରାଧ୍ୟାଂ ଜଗଦ୍‌ବ୍ୟାପିନୀମ୍

ବୀଣା-ପୁସ୍ତକ-ଧାରିଣୀମଭୟଦାଂ ଜାଡ୍ୟାନ୍ଧକାରାପହାମ୍ ।

ହସ୍ତେସ୍ଫଟିକମାଳିକାଂ ବିଦ୍ୟାଧାତ୍ରୀଂ ପଦ୍ମାସନେ ସଂସ୍ଥିତାମ୍

ବନ୍ଦେ ତାଂ ପରମେଶ୍ୱରୀ ଭଗବତୀଂ ବୁଦ୍ଧିପ୍ରଦାଂ ଶାରଦାମ୍ ॥୨॥

# ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର

## ନୂଆପଲ୍ଲୀ, ଭୁବନେଶ୍ୱର

ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ସ୍ୱତନ୍ତ୍ର ଅନୁଷ୍ଠାନ । ଏହି ଅନୁଷ୍ଠାନ ପ୍ରାଦେଶିକ ସ୍ତରରେ ଶିକ୍ଷାବିକାଶ ସମିତି, ଓଡ଼ିଶା ତଥା ସର୍ବଭାରତୀୟ ସ୍ତରରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ "ବିଦ୍ୟାଭାରତୀ" ସହ ସହବନ୍ଧିତ । ଏହା ୧୯୮୫ ମସିହାରୁ ସ୍ଥାପିତ ହୋଇ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ ସହିତ ସେମାନଙ୍କର ବୌଦ୍ଧିକ, ମାନସିକ, ଶାରୀରିକ ତଥା ଆଧାତ୍ମିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି । ବିଗତ ବର୍ଷମାନଙ୍କରେ ଓଡ଼ିଶା ସରକାର ଓ ଶିକ୍ଷା ବିକାଶ ସମିତି ଦ୍ୱାରା ଅନୁଷ୍ଠିତ ପରୀକ୍ଷା ଗୁଡ଼ିକରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବା ସହିତ ବିଭିନ୍ନ ଛାତ୍ରବୃତ୍ତି ପାଇବାକୁ ସାମର୍ଥ୍ୟ ଲାଭ କରିଛନ୍ତି ।

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ :** କୋମଳମତି ଶିଶୁମାନଙ୍କ ଜ୍ଞାନର ବିକାଶ ସହ ସେମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ଅଭିବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ଦେଶ ପାଇଁ ଜଣେ ସୁସ୍ଥ, ସ୍ୱାଭିମାନୀ, ଚରିତ୍ରବାନ ଓ ସ୍ୱଦେଶ ପ୍ରେମୀ ନାଗରିକ ସୃଷ୍ଟି କରିବା ଆମ ଶିକ୍ଷାଦାନର ମୁଖ୍ୟ ଉଦ୍ଦେଶ୍ୟ । ଏତଦ୍‌ବ୍ୟତୀତ ବିଦ୍ୟାର୍ଥୀମାନେ ଧୈର୍ଯ୍ୟଶୀଳ, ସାହସୀ, ସଂଯମୀ, କଷ୍ଟସହିଷ୍ଣୁ, ସ୍ନେହୀ, ଭାତୃବତ୍ସଳ ଏବଂ ପରୋପକାରୀ ରୂପେ ପରିଗଣିତ ହେବା ଶିକ୍ଷାଦାନର ଲକ୍ଷ୍ୟ । ଏଠାରେ ଶିକ୍ଷାଲାଭ କରିବା ସହିତ ସେମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଓ ଅଭିବୃଦ୍ଧି ଦିଗରେ ବିଦ୍ୟାମନ୍ଦିର ଯତ୍ନଶୀଳ ।

**ଶିକ୍ଷାଦାନ ବ୍ୟବସ୍ଥା :** ପ୍ରାକ୍ ପ୍ରାଥମିକ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ବିଦ୍ୟାମନ୍ଦିରରେ ଶିଶୁବାଟିକା ଶିଶୁପ୍ରାରମ୍ଭ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନା ମାଧ୍ୟମରେ ଶିଶୁପ୍ରାରମ୍ଭ ଓ ଶିଶୁବୋଧ ଶ୍ରେଣୀର ଶିକ୍ଷାଦାନ ବ୍ୟବସ୍ଥା ମୁଖ୍ୟତଃ ଗୀତ, ଗଳ୍ପ, ଖେଳ, ହସ୍ତକର୍ମ ଦ୍ୱାରା ଶିଶୁର ସର୍ବାଙ୍ଗୀଣ ବିକାଶ କରାଯାଇଥାଏ । ଏତଦ୍‌ବ୍ୟତୀତ ଏହି ଅନୁଷ୍ଠାନରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି । ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟ ସରକାର ସ୍ଥାୟୀ ସ୍ୱୀକୃତି ପ୍ରଦାନ କରିଛନ୍ତି ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ସ୍ୱୀକୃତି ପାଇଛି ।

ମାତୃଭାଷା ଓଡ଼ିଆ ଶିକ୍ଷାଦାନର ମାଧ୍ୟମ ଅଟେ । ଏତଦ୍ ବ୍ୟତୀତ ଇଂରାଜୀ, ସଂସ୍କୃତ ଓ ହିନ୍ଦୀକୁ ଶିକ୍ଷାଦାନ ବ୍ୟବସ୍ଥାରେ ବିଶେଷ ପ୍ରାଧାନ୍ୟ ଦିଆଯାଇଥାଏ । ଶିଶୁମାନଙ୍କର ଶାରୀରିକ ଓ ମାନସିକ ଜ୍ଞାନର ବିକାଶ ପାଇଁ ବ୍ୟାୟାମ, ଯୋଗାସନ, ଗୀତଶ୍ଳୋକ, ସାଧାରଣ ଜ୍ଞାନ, ସଂସ୍କୃତଜ୍ଞାନ ଓ ନୈତିକ ଶିକ୍ଷା ଆଦି ପ୍ରଦାନ କରାଯାଇଥାଏ ।

**ବିଶେଷ ସୁବିଧା :** ବୃତ୍ତିଗତ ଜ୍ଞାନର ବିକାଶ ନିମନ୍ତେ ବିଦ୍ୟାମନ୍ଦିରରେ ସଙ୍ଗୀତ, କଳା ଓ ହସ୍ତକର୍ମ ସହିତ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ରହିଛି । ଏଥିପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର ଭାବରେ ଆବେଦନ କରିପାରିବେ ଏବଂ ମନୋନୀତ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଶୁଳ୍କ ଦାଖଲ କରି ଏହି ଶିକ୍ଷା ପାଇପାରିବେ । ଶୃଙ୍ଖଳା ଓ ସାହସିକତାର ଅଭିବୃଦ୍ଧି ନିମନ୍ତେ ବିଦ୍ୟାମନ୍ଦିରରେ ଭାରତ ସ୍କାଉଟ୍ ଓ ଗାଇଡ୍‌ଙ୍କ ତରଫରୁ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି ।

**ବିଦ୍ୟାମନ୍ଦିରରେ ପ୍ରବେଶ :** ବିଦ୍ୟାମନ୍ଦିରରେ ପ୍ରବେଶ ନିମିତ୍ତ କେବଳ ଶିଶୁପ୍ରାରମ୍ଭ ଛାତ୍ରଛାତ୍ରୀମାନଙ୍କୁ ଏକ ମୌଖିକ ପରୀକ୍ଷା କରାଯାଇ ଗ୍ରହଣ କରାଯାଏ । ମୌଖିକ ପରୀକ୍ଷା ସମୟରେ ଉଭୟ ପିତାମାତା ଶିଶୁ ସହିତ ଉପସ୍ଥିତ ରହିବା ନିତ୍ୟାନ୍ତ ଜରୁରୀ ଅଟେ । ଅନ୍ୟ ଶିଶୁମନ୍ଦିରରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ଉପର ଶ୍ରେଣୀର ପ୍ରବେଶ ନିମିତ୍ତ ଅନୁମତି ଦିଆଯିବା ବିଦ୍ୟାମନ୍ଦିରର ଖାଲିଥିବା ସ୍ଥାନ ଉପରେ ନିର୍ଭର କରେ ।

**ପ୍ରବେଶ ନିମିତ୍ତ ଆବେଦନ :** ନୂତନ ଛାତ୍ରଛାତ୍ରୀ ପ୍ରବେଶ ନିମିତ୍ତ ଅଭିଭାବକମାନଙ୍କୁ ନିର୍ଦ୍ଧାରିତ ଆବେଦନ ପତ୍ରରେ ଆବେଦନ କରିବାକୁ ପଡ଼ିଥାଏ । ଆବେଦନପତ୍ର ବିଦ୍ୟାମନ୍ଦିରର କାର୍ଯ୍ୟାଳୟରୁ ତା୨୪.୧.୨୦୧୩ ଠାରୁ ତା୧୮.୨.୨୦୧୩ ରିଖ ପର୍ଯ୍ୟନ୍ତ ସକାଳ ୮ ଟାରୁ ୧୧ଟା ମଧ୍ୟରେ (କେବଳ କାର୍ଯ୍ୟ ଦିବସରେ) ୫୦ ଟଙ୍କା ବିନିମୟରେ ମିଳିପାରିବ । ଆବେଦନ କରିବାର ଶେଷ ତାରିଖ ତା୧୯.୨.୨୦୧୩ ଦିନ ୧୨ ଘଟିକା । ଆବେଦନ ପତ୍ର ଦିବା ୯ରୁ ୪ ଘ ମଧ୍ୟରେ ବିଦ୍ୟାମନ୍ଦିର କାର୍ଯ୍ୟାଳୟରେ ଗ୍ରହଣ କରାଯିବ । ଧାର୍ଯ୍ୟ ତାରିଖ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ଆବେଦନ ପତ୍ରରେ ସମସ୍ତ ତଥ୍ୟ ଗୁଡ଼ିକ ନିର୍ଭୁଲ ଓ ସୁନ୍ଦର ହସ୍ତାକ୍ଷର ହେବା ଆବଶ୍ୟକ ଅଟେ ।

**ବୟସ ସୀମା :** ଶିଶୁ ପ୍ରାରମ୍ଭ ଶ୍ରେଣୀରେ ପ୍ରବେଶ ନିମିତ୍ତ ସର୍ବନିମ୍ନ ବୟସ ୦୧.୦୪.୨୦୧୩ ସୁଦ୍ଧା ୩ ବର୍ଷରୁ ୪ ବର୍ଷ ମଧ୍ୟରେ ହୋଇଥିବା ଦରକାର ।

**ଶିଶୁ ଓ ପିତାମାତାଙ୍କ ପରିଚୟ :** ନାମଲେଖା ସମୟରେ ଶିଶୁ ଓ ତାଙ୍କର ପିତାମାତାଙ୍କ ସହ ପରିଚୟ ନିତାନ୍ତ ଦରକାର । ଶିଶୁପ୍ରାରମ୍ଭ ଶ୍ରେଣୀରେ ନାମଲେଖାଇବାକୁ ଥିବା ଶିଶୁ ଓ ତାଙ୍କର ପିତାମାତାଙ୍କ ସହ ପରିଚୟ ଦିନାଙ୍କ ତା ୨୦.୨.୨୦୧୩ ସକାଳ ୮ ଘଟିକା ।

**ଶିଶୁ ନାମଲେଖା ତାରିଖ :** ତା ୨୧.୨.୨୦୧୩ ଓ ତା୨୨.୨.୨୦୧୩ ରିଖ ସକାଳ ୮ ଘଟିକାରୁ ୧୦ ଘଟିକା

**ବିଦ୍ୟାମନ୍ଦିରରେ ଯୋଗଦେବା ତିଥି :** ତା୪.୪.୨୦୧୩ ରିଖ ସକାଳ ୮ ଘଟିକାରେ ଖଡ଼ିଛୁଆଁ ପର୍ବ ଓ ହୋମଯଜ୍ଞ ବୈଦିକ ରୀତିରେ ଅନୁଷ୍ଠିତ ହେବ । ଉକ୍ତ ଦିବସରେ ସମସ୍ତ ଶିଶୁ ଉପସ୍ଥିତ ରହିବା ଏକାନ୍ତ ଆବଶ୍ୟକ । ତା ୫.୪.୨୦୧୩ ରିଖ ଦିନ ଶିଶୁ ମାନଙ୍କର ବିଦ୍ୟାମନ୍ଦିରକୁ ଆଗମନ ।

**ଶିକ୍ଷାଦାନର ସମୟ ଏବଂ ଉପସ୍ଥିତି :** ସକାଳ ପର୍ଯ୍ୟାୟ ୭.୫୦ଘରୁ ୧୦.୫୦ ଘ ଦିବା ପର୍ଯ୍ୟାୟ ୧୧ ଘରୁ ୪ ଘ ୨୦ ମି । ଶିକ୍ଷାବର୍ଷରେ ଶିଶୁର ସର୍ବନିମ୍ନ ଉପସ୍ଥାନ ୮୦% ହେବା ବିଧେୟ । ଛୁଟିରେ ରହିବାକୁ ଚାହୁଁଥିବା ଶିଶୁ ପୂର୍ବରୁ ପ୍ରଧାନଆଚାର୍ଯ୍ୟଙ୍କର ଅନୁମତି ନେବା ଆବଶ୍ୟକ । ଗୋଟିଏ ଦିନ ଛୁଟିରେ ରହିଲେ ତା'ର ପରଦିନ ଛୁଟି ଦରଖାସ୍ତ ଦେବାକୁ ପଡ଼େ । ପରୀକ୍ଷା ଦିନ କୌଣସି ଶିଶୁକୁ ଛୁଟିରେ ରହିବାକୁ ଅନୁମତି ଦିଆଯିବ ନାହିଁ ।

**ପାଠ୍ୟ ପୁସ୍ତକ :** ଶିଶୁର ଆବଶ୍ୟକୀୟ ସମସ୍ତ ପୁସ୍ତକ ଓ ବେଲ୍ଟ ଉଚିତ ମୂଲ୍ୟରେ ବିଦ୍ୟାମନ୍ଦିରରେ ବସ୍ତୁ ଭଣ୍ଡାରରୁ ପାଇପାରିବେ । ନିର୍ଦ୍ଧାରିତ ସମୟସୂଚୀ ବିଦ୍ୟାମନ୍ଦିରରେ ସୂଚନା ଫଳକରେ ପ୍ରକାଶ ପାଇବ। ନିର୍ଦ୍ଧାରିତ ସମୟ ପରେ କୌଣସି ପୁସ୍ତକ ଓ ବେଲ୍ଟ ବିକ୍ରୟ କରାଯିବ ନାହିଁ ।

**ଗଣବେଶ :** ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଗଣବେଶରେ ବିଦ୍ୟାମନ୍ଦିରକୁ ଆସବାକୁ ବାଧ୍ୟତାମୂଳକ ଅଟେ । ଭାଇମାନଙ୍କ ପାଇଁ ଗାଢ଼ ନୀଳରଙ୍ଗର ହାଫ୍ ପ୍ୟାଣ୍ଟ (ବେଲ୍ଟ ସିଷ୍ଟମ) । ଧଳା ହାଫ୍ ସାର୍ଟ, ନାଲିମୋଜା, କଳା ଜୋତା ଓ ନାଲିରଙ୍ଗର ବେଲ୍ଟ୍ । ଭଉଣୀମାନଙ୍କ ପାଇଁ ନୀଳରଙ୍ଗର ହାତକଟା ଟିଉନିକ୍ ଫ୍ରକ୍, ଧଳା ହାଫ୍ ସାର୍ଟ, କଳାଜୋତା, ନାଲିମୋଜା, ନାଲିରଙ୍ଗର ବେଲ୍ଟ ନାଲିରଙ୍ଗର ଚୁଡ଼ି ଓ ରିବନ ପିନ୍ଧିବା ଅନିବାର୍ଯ୍ୟ ଅଟେ । ଶନିବାର ଦିନ ଭାଇଭଉଣୀମାନେ ଧଳାରଙ୍ଗର ଜୋତା, ଧଳା ମୋଜା, ପୋଷାକ ପିନ୍ଧିବା ବାଧତାମୂଳକ ଅଟେ । ଶୀତ ଋତୁରେ ସମସ୍ତ ଭାଇଭଉଣୀ ନାଲିରଙ୍ଗର ଶୀତବସ୍ତ୍ର ପିନ୍ଧିବା ଦରକାର । ପ୍ରତ୍ୟେକ ସୋମବାର ଓ ଗୁରୁବାର ଦିନ ଗଣବେଶ ପରିଷ୍କାର ପରିଚ୍ଛନ୍ନତା ତନଖି କରାଯାଏ ।

**ଜଳପାନ :** ଭାଇଭଉଣୀମାନେ ଅବକାଶ ସମୟରେ ଜଳପାନ ନମନ୍ତେ ପ୍ରତିଦିନ ରୁଚି ଅନୁଯାୟୀ ନିରାମିଷ ଶୁଖିଲା ଜଳଖିଆ, ଛୋଟ ରୁମାଲ ଓ ପାଣି ବୋତଲ ସାଥିରେ ନେଇ ଆସିବା ଦରକାର ।

**ଯାତାୟତ :** (୧) ଶିଶୁମାନଙ୍କର ଯାତାୟତର ସୁବନ୍ଦୋବସ୍ତ କରିବା ଅଭିଭାବକମାନଙ୍କ ଦାୟିତ୍ୱ ଅଟେ । ବିଦ୍ୟାମନ୍ଦିର ନିର୍ଦ୍ଧାରିତ ସମୟରେ ଶିଶୁଙ୍କୁ ବିଦ୍ୟାମନ୍ଦିରର ଫାଟକ ନିକଟରେ ଉପସ୍ଥିତ କରାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଭିଭାବକମାନେ ଉପସ୍ଥିତ ରହି ଶିଶୁମାନଙ୍କୁ ନେବାର ବନ୍ଦୋବସ୍ତ କରିବା ଆବଶ୍ୟକ ।

(୨) ଶିଶୁମାନଙ୍କର ଯାନବାହନର ଯାତାୟତ ବ୍ୟବସ୍ଥା ବିଦ୍ୟାମନ୍ଦିରରେ ଅଛି ।

**ମାସିକ ଶୁଳ୍କ :** ପ୍ରତିମାସର ୧ ତାରିଖରୁ ୧୦ଟି କାର୍ଯ୍ୟ ଦିବସ ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ସକାଳ ୮ ଘଟିକାରୁ ୧୧ ଘଟିକା ମଧ୍ୟରେ ମାସିକ ପାଠ୍ୟପୁସ୍ତକ ଆଦାୟ କରାଯାଇଥାଏ ଓ ପରବର୍ତ୍ତୀ କାର୍ଯ୍ୟ ଦିବସ ଠାରୁ ମାସର ୨୦ ତାରିଖ ପର୍ଯ୍ୟନ୍ତ ବକେୟା ଶୁଳ୍କ ସହ ୫ ଟଙ୍କା ବିଳମ୍ବ ଦେୟ ଆଦାୟ ହେବ । କ୍ରମାନ୍ୱୟରେ ୨ ମାସ ପର୍ଯ୍ୟନ୍ତ ମାସିକ ପାଠ୍ୟଶୁଳ୍କ ପଇଠ ନକଲେ ସମ୍ପୃକ୍ତ ଛାତ୍ରଛାତ୍ରୀର ନାମ ଉପସ୍ଥାନ ଖାତାରୁ ବାଦ ଦିଆଯିବ । ପୁନଃ ପଞ୍ଜିକରଣ ପାଇଁ ବକେୟା ଶୁଳ୍କ ସହ ୨୦ ଟଙ୍କା ଜୋରିମାନା ଦେବାକୁ ପଡ଼ିବ ।

**ବିକାଶ ପାଣ୍ଠିକୁ ଦାନ :** ପ୍ରତ୍ୟେକ ଶିକ୍ଷାବର୍ଷର ଅକ୍ଟୋବର ମାସର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଠାରୁ ୧୦୦ ଟଙ୍କା ଲେଖାଏଁ ଅନୁଦାନ ସ୍ୱରୂପ ମାସିକ ଶୁଳ୍କ ସହ ଆଦାୟ କରାଯାଏ ।

**କମ୍ପ୍ୟୁଟର ଶିକ୍ଷା :** କମ୍ପ୍ୟୁଟର ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ନିମନ୍ତେ ଆବଶ୍ୟକ ଉପକରଣ ବିଦ୍ୟାମନ୍ଦିର ତରଫରୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ଏହା ବାଧତାମୂଳକ (୬ଷ୍ଠ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ) ଅଟେ । ଏହାର ମାସିକ ଶୁଳ୍କ ଚଳିତ ବର୍ଷ ଟ ୨୦.୦୦ ରଖାଗଲା ।

**ବିଜ୍ଞାନ ଶିକ୍ଷା :** ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଆବଶ୍ୟକୀୟ ବିଜ୍ଞାନ ଉପକରଣ ସଂଗ୍ରହ କରାଯାଇ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ରହିଛି ।

**ଶାରୀରିକ ବ୍ୟବସ୍ଥା :** ବିଦ୍ୟାଳୟରେ ବ୍ୟାୟାମ, ଯୋଗ ତଥା ବିଭିନ୍ନ କ୍ରୀଡ଼ା କୌଶଳ ସମ୍ବନ୍ଧରେ ଶିକ୍ଷା ଦିଆଯାଇ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ବିକାଶ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ଆୟୋଜିତ ପ୍ରାଦେଶିକ ସ୍ତରରେ ଅନୁଷ୍ଠିତ ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଭାଗନେବାର ବ୍ୟବସ୍ଥା ବିଦ୍ୟାମନ୍ଦିର ତରଫରୁ କରାଯାଉଛି ।

# ଆମର ସଫଳତା

## ପ୍ରାଥମିକ ବୃତ୍ତି

| ମସିହା | ଶ୍ରେଣୀ | ସଂଖ୍ୟା | ମସିହା | ଶ୍ରେଣୀ | ସଂଖ୍ୟା |
|---|---|---|---|---|---|
| ୧୯୮୮ | ୩ୟ | ୧ଜଣ | ୨୦୦୩ | ୩ୟ | ୨ଜଣ |
| ୧୯୯୦ | ୩ୟ | ୧ଜଣ | | ୫ମ | ୨ଜଣ |
| ୧୯୯୨ | ୫ମ | ୩ଜଣ | ୨୦୦୪ | ୩ୟ | ୧ଜଣ |
| ୧୯୯୩ | ୩ୟ | ୨ଜଣ | | ୫ମ | ୨ଜଣ |
| | ୫ମ | ୨ଜଣ | ୨୦୦୬ | ୫ମ | ୧ଜଣ |
| ୧୯୯୪ | ୫ମ | ୩ଜଣ | ୨୦୦୭ | ୩ୟ | ୨ଜଣ |
| ୧୯୯୬ | ୫ମ | ୨ଜଣ | | ୫ମ | ୩ଜଣ |
| ୧୯୯୭ | ୩ୟ | ୧ଜଣ | ୨୦୦୮ | ୩ୟ | ୩ଜଣ |
| | ୫ମ | ୪ଜଣ | | ୫ମ | ୨ଜଣ |
| ୧୯୯୮ | ୩ୟ | ୧ଜଣ | ୨୦୦୯ | ୩ୟ | ୩ଜଣ |
| | ୫ମ | ୩ଜଣ | | ୫ମ | ୩ଜଣ |
| ୧୯୯୯ | ୩ୟ | ୨ଜଣ | ୨୦୧୦ | ୩ୟ | ୨ଜଣ |
| ୨୦୦୦ | ୩ୟ | ୩ଜଣ | | ୫ମ | ୩ଜଣ |
| | ୫ମ | ୪ଜଣ | ୨୦୧୧ | ୩ୟ | ୧ଜଣ |
| ୨୦୦୧ | ୩ୟ | ୩ଜଣ | | ୫ମ | ୪ଜଣ |
| | ୫ମ | ୨ଜଣ | ୨୦୧୨ | ୩ୟ | ୩ଜଣ |
| ୨୦୦୨ | ୩ୟ | ୨ଜଣ | | ୫ମ | ୩ଜଣ |
| | ୫ମ | ୩ଜଣ | | | |

## ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାର ଫଳାଫଳ

| ଶିକ୍ଷାବର୍ଷ | ଉତ୍ତୀର୍ଣ୍ଣ ହାର | ପ୍ରଥମ ଶହେ ଜଣଙ୍କ ମଧ୍ୟରେ ସ୍ଥାନ |
|---|---|---|
| ୨୦୦୩-୦୪ | ୧୦୦% | - |
| ୨୦୦୪-୦୫ | ୧୦୦% | ୧ଜଣ |
| ୨୦୦୫-୦୬ | ୧୦୦% | ୧ଜଣ |
| ୨୦୦୬-୦୭ | ୧୦୦% | ୨ଜଣ |
| ୨୦୦୭-୦୮ | ୧୦୦% | ୨ଜଣ |
| ୨୦୦୮-୦୯ | ୧୦୦% | ୧ଜଣ |
| ୨୦୦୯-୧୦ | ୧୦୦% | - |
| ୨୦୧୦-୧୧ | ୧୦୦% | - |
| ୨୦୧୧-୧୨ | ୧୦୦% | - |

# ନାମଲେଖା ବାବଦ ଦେୟ

| | | | |
|---|---|---|---|
| ନାମ ପଞ୍ଜିକରଣ ଦେୟ | ......... | ଟ. | ୫୦୦.୦୦ |
| ବିଦ୍ୟାଳୟ ଅନୁଦାନ | ......... | ଟ. | ୩୩୦୦.୦୦ |
| ଏପ୍ରିଲ ମାସର ପାଠ୍ୟ ଶୁଳ୍କ | ......... | ଟ. | ୩୧୦.୦୦ |
| ପରୀକ୍ଷା | ......... | ଟ. | ୧୩୦.୦୦ |
| କ୍ରୀଡ଼ା ଓ ଶାରୀରିକ | ......... | ଟ. | ୧୦୦.୦୦ |
| ପୁସ୍ତକାଳୟ | ......... | ଟ. | ୫୦.୦୦ |
| ଚିକିତ୍ସା | ......... | ଟ. | ୫୦.୦୦ |
| ବିଜ୍ଞାନ | ......... | ଟ. | ୧୦୦.୦୦ |
| ବିଦ୍ୟାଳୟ ଉତ୍ସବ ସମୂହ | ......... | ଟ. | ୧୫୦.୦୦ |
| ସରସ୍ୱତୀ ଓ ଗଣେଶ ପୂଜା | ......... | ଟ. | ୨୦୦.୦୦ |
| ବନବିହାର/ପରିଭ୍ରମଣ | ......... | ଟ. | ୧୫୦.୦୦ |
| ପ୍ରାନ୍ତୀୟ ନିଧି | ......... | ଟ. | ୫୦.୦୦ |
| ସ୍କାଉଟ୍ ଗାଇଡ୍ * | ......... | ଟ. | - |
| ସେବାନିଧି | ......... | ଟ. | ୨୦.୦୦ |
| ଆଚାର୍ଯ୍ୟ କଲ୍ୟାଣ ପାଣ୍ଠି | ......... | ଟ. | ୩୦.୦୦ |
| ଶିଶୁ ବୀମା | ......... | ଟ. | ୧୦.୦୦ |
| ଶିଶୁ ବାଟିକା | ......... | ଟ. | ୭୦.୦୦ |
| ସଂକୁଳ ନିଧି | ......... | ଟ. | ୧୦.୦୦ |
| ଶୁଳ୍କ ସଂଗ୍ରହ ପତ୍ରକ | ......... | ଟ. | ୪୦.୦୦ |
| ପରିଚୟ ପତ୍ର | ......... | ଟ. | ୪୦.୦୦ |
| ଦୈନନ୍ଦିନୀ | ......... | ଟ. | ୨୦.୦୦ |
| ମାଗାଜିନ୍ | ......... | ଟ. | ୫୦.୦୦ |
| ପ୍ରାଦେଶିକ ସଂକୁଳ କ୍ରୀଡ଼ା | ......... | ଟ. | ୨୦.୦୦ |
| ସର୍ବମୋଟ | ......... | ଟ.୫,୪୦୦.୦୦ | |

*ସ୍କାଉଟ୍-ଗାଇଡ୍ ଦେୟ ଅତିରିକ୍ତ



## ଆମର ଲକ୍ଷ୍ୟ

ଆମକୁ
ଏପରି ଏକ ରାଷ୍ଟ୍ରୀୟ ଶିକ୍ଷାପ୍ରଣାଳୀର
ବିକାଶ କରିବାକୁ ହେବ, ଯାହା ଯାହାଦ୍ୱାରା
ଯୁବସମାଜ ଏପରି ଭାବରେ ନିର୍ମିତ ହେବ ଯେ ହିନ୍ଦୁତ୍ୱନିଷ୍ଠ,
ଏବଂ ରାଷ୍ଟ୍ରଭକ୍ତିରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇ
ଶାରୀରିକ, ମାନସିକ, ବୌଦ୍ଧିକ, ଆତ୍ମିକ ଏବଂ ଆଧାତ୍ମିକ
ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ ହୋଇଥାଏ ତଥା ଯେ ବର୍ତ୍ତମାନ
ଆହ୍ୱାନର ସଫଳ ମୁକାବିଲା କରିପାରିବ ଏବଂ ଯାହାର
ଜୀବନ ଗ୍ରାମୀଣ, ବନ, ଗିରିକନ୍ଦର ଓ କୁଡ଼ିଆରେ ବାସ
କରୁଥିବା ଦୀନ, ଦୁଃଖୀ, ଅଭାବଗ୍ରସ୍ତ ବନ୍ଧୁମାନଙ୍କୁ
ସାମାଜିକ କୁସଂସ୍କାର, ଶୋଷଣ ଓ ଅନ୍ୟାୟରୁ
ମୁକ୍ତ କରାଇ ରାଷ୍ଟ୍ର ଜୀବନକୁ ସମରସ, ସୁସମ୍ପନ୍ନ ଏବଂ
ସୁସଂସ୍କୃତି କରିବା ପାଇଁ ନିଜକୁ ସମର୍ପିତ କରିଦେବ ।

॥ ବିଦ୍ୟାଭାରତୀ ॥
ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ